# ପଞ୍ଚାୟତ ସମିତି କାର୍ଯ୍ୟାଳୟ,ବାସୁଦେବପୁର

ବିଜ୍ଞାପନ ସଂଖ୍ୟା 2577 ତା ୨.୦୯.୨୦୨୫ରିଖ

ପୂର୍ବ ବିଜ୍ଞାପନ ସଂଖ୍ୟା ୨୧୭୧ ତା.୦୫.୦୮.୨୦୨୫ରିଖ ନିଲାମକୁ ଅପରିହାର୍ଯ୍ୟ ପରିସ୍ଥିତି କ୍ରମେ ରଦ୍ଦ କରାଯାଇ ନିଲାମ କମିଟିର ସୁପାରିସରେ ସଂଶୋଧିତ ବିଜ୍ଞାପନ ପ୍ରକାରେ ସର୍ବସାଧାରଣଙ୍କ ପୁନଃ ଅବଗତି ନିମନ୍ତେ ପ୍ରକାଶିତ ଯଥା:-

## ସର୍ତାବଳୀ

୧. ଜଣେ ବ୍ୟକ୍ତିଙ୍କୁ ଗୋଟିଏ ଦୋକାନ ଗୃହ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଅଛି । ପ୍ରତି ଦୋକାନ ଗୃହର ମୂଲ୍ୟ ଟ.୨୦୦୦/- (ଦୁଇ ହଜାର ଟଙ୍କା) ମାତ୍ର ରହିବ । ପ୍ରତି ବର୍ଷ ମୂଳ ରାଶିର ୧୦% ହାରରେ ବୃଦ୍ଧି କରାଯିବ ।

୨. ଧର୍ମଗୋଳା (Lottery) ରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ଥିବା ବ୍ୟକ୍ତି ଅମାନତ ରାଶି ସର୍ବନିମ୍ନ ଟ.୫୦୦/- (ପାଂଚ ଶହ ଟଙ୍କା) ମାତ୍ର ପ୍ରତି ଦୋକାନଗୃହ ପିଛା ପଂଚାୟତ ସମିତିର କୋଷାଧ୍ୟକ୍ଷଙ୍କ ନିକଟରେ ଜମା କରିବେ ଯାହାକି ଗୋଟିଏ ମାତ୍ର ଦୋକାନ ଗୃହ ନିମନ୍ତେ ପ୍ରଯୁଜ୍ୟ ଅଟେ । **ଯଦି କୌଣସି ବ୍ୟକ୍ତି ଗୋଟିଏ ରୁ ଅଧିକ ଗୃହ ନିମନ୍ତେ ପ୍ରକାଶ୍ୟ ଧର୍ମଗୋଳା (Lottery) ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ଥାନ୍ତି ତେବେ ତାଙ୍କୁ ସେହି କ୍ରମରେ ଅଧିକ ଟ.୫୦୦/- ପୈଠ କରି ତାର ରସିଦ କୋଷାଧକ୍ଷଙ୍କ ଠାରୁ ସଂଗ୍ରହ କରିବେ ।** ହାରିଲେ ମଧ ନିର୍ଦ୍ଧାରିତ ଗୃହ ବ୍ୟତିତ ଅନ୍ୟ ଗୃହ ନିମନ୍ତେ ଧର୍ମଗୋଳାରେ ଅଂଶଗ୍ରହଣ ପାରିବେ ନାହିଁ ।

୩. Lottery ରେ ଅଂଶଗ୍ରହଣ କରିଥିବା ବ୍ୟକ୍ତିଙ୍କ ଅମାନତ ରାଶି ଫେରସ୍ତ କରାଯିବ ନାହିଁ । Lottery ରେ ଜିତିଥିବା ବ୍ୟକ୍ତି ଦୋକାନଗୃହର ରାଶି ଦାଖଲ ପରେ ଗୋଷ୍ଠୀଉନ୍ନୟନ ଅଧିକାରୀଙ୍କ ସହିତ ଏକ ଚୁକ୍ତିପତ୍ର ସ୍ୱାକ୍ଷର କରାଇବେ ।

୪. Lottery ମାଧମରେ ଦୋକାନ ଗୃହ ଗ୍ରହଣ କରିଥିବା ବ୍ୟକ୍ତି ଦୋକାନଗୃହର ବିଦ୍ୟୁତ ବିଲ ପୈଠ କରିବେ ।

୫. Lottery ମାଧମରେ ଦୋକାନ ଗୃହ ଗ୍ରହଣ କରିଥିବା ବ୍ୟକ୍ତି ୬ ମାସର ଭଡ଼ା ଅଗ୍ରିମ ଭାବେ ପୈଠ କରିବେ ଏବଂ ପ୍ରତି ମାସରେ ୫ତାରିଖ ସୁଦ୍ଧା ଆମ ବସଷ୍ଟାଣ୍ଡ ବ୍ୟାଙ୍କ ଖାତାରେ ଜମା କରି ତାହାର ନକଲ ପଂଚାୟତ ସମିତି/ ଆମ ବସଷ୍ଟାଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ, ଏଥିରେ ବ୍ୟତିକ୍ରମ କଲେ ବା ତିନି ମାସ ଭଡ଼ା ପ୍ରଦାନରେ ଖିଲାପ କଲେ କମିଟିର ନିଷ୍ପତି କ୍ରମେ ଉକ୍ତ ଗୃହର ପୁନଃ Lottery ଆହ୍ୱାନ କରାଯିବ । ଯଦି ଦୋକାନଗୃହ ଗ୍ରହଣ କରିଥିବା ବ୍ୟକ୍ତି ବର୍ଷ ମଧରେ ନିଜ ସ୍ୱଇଚ୍ଛାରେ ଦୋକାନ ଗୃହ ପରିତ୍ୟାଗ କରନ୍ତି ତେବେ ତାହା ଅନ୍ୟୁନ ୩ମାସ ପୂର୍ବରୁ ସମ୍ପୃକ୍ତ ଅଧିକାରୀଙ୍କ ଗୋଚରାର୍ଥେ ଦରଖାସ୍ତ ଦାଖଲ କରିବେ ଓ ଉକ୍ତ ଗୃହର ପରବର୍ତୀ ପର୍ଯ୍ୟାୟରେ ପ୍ରକାଶ୍ୟ ନିଲାମ/ Lottery ଆହ୍ୱାନ କରାଯିବ ।

୬. ଦୋକାନଗୃହ ଗ୍ରହଣ କରିଥିବା ବ୍ୟକ୍ତି କୌଣସି ପ୍ରକାର ଅନାଧିକୃତ / ଆଇନ ଅମାନ୍ୟ ଦ୍ରବ୍ୟ ବିକ୍ରୟ କରିପାରିବେ ନାହିଁ, ଏଥିରେ ବ୍ୟତିକ୍ରମ କଲେ କମିଟି ଆଇନାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ ।

୭. ଦୋକାନ ଗୃହ ଗ୍ରହୀତା ଗୃହର ଉପଯୁକ୍ତ ରକ୍ଷଣା ବେକ୍ଷଣ ନିମନ୍ତେ ଆଇନତଃ ଦାୟୀ ରହିବେ । ଯଦି ଦୋକାନ ଗୃହର ଉପଯୁକ୍ତ ରକ୍ଷଣାବେକ୍ଷଣ ନକରନ୍ତି ତେବେ ସମ୍ପୃକ୍ତ ଗୃହର Lottery ଯେ କୌଣସି ସମୟରେ ରଦ୍ଦ କରାଯାଇ ପୁନଶ୍ଚ Lottery ଆହ୍ୱାନ କରାଯିବ ।

୮. Lottery ରେ ଅଂଶଗ୍ରହଣ କରିବା ନିମନ୍ତେ ଇଚ୍ଛୁକ ବ୍ୟକ୍ତି ବିଶେଷ **ତା.୦୨.୦୯.୨୦୨୫ରିଖ ଠାରୁ ତା.୧୦.୦୯.୨୦୨୫ରିଖ** ଅପରାହ୍ନ **ଘ୫.୩୦ମି.** ପର୍ଯ୍ୟନ୍ତ କୋଷାଧକ୍ଷଙ୍କ ଠାରେ ରସିଦ୍ କାଟି ପାରିବେ ତତ୍ ପରେ କୌଣସି ଅଭିଯୋଗ ଗ୍ରହଣ କରାଯାଇ ପାରିବ ନାହିଁ ।

୯. ଆମ ବସଷ୍ଟାଣ୍ଡ ଦୋକାନଗୃହର Lottery ଆସନ୍ତା **ତା.୧୨.୦୯.୨୦୨୫ରିଖ ଅପରାହ୍ନ ୪ଘଟିକା** ସମୟରେ ବ୍ଲକ ସମ୍ମିଳନୀ କକ୍ଷରେ ଆହ୍ୱାନ କରାଯିବ ।

୧୦. ସମସ୍ତ ପଞ୍ଜିକୃତ ବ୍ୟକ୍ତି ମାନଙ୍କୁ ଏତଦ୍ୱାରା ଅନୁରୋଧ କରାଗଲା ଯେ, ସେମାନେ Lottery କକ୍ଷକୁ ପ୍ରବେଶ କଲା ବେଳେ ରସିଦ ଓ ସେମାନଙ୍କର ଆଧାର କାର୍ଡ଼ ସାଙ୍ଗରେ ଆଣିବେ ।

୧୧. ସମସ୍ତ ପଞ୍ଜିକୃତ ବ୍ୟକ୍ତି ମାନଙ୍କୁ ଏତଦ୍ୱାରା ଅନୁରୋଧ କରାଗଲା ଯେ, Lottery କକ୍ଷକୁ ମୋବାଇଲ ଫୋନ ଆଣିବେ ନାହିଁ ବା ଏହାକୁ ଅନୁମତି ପ୍ରଦାନ କରାଯିବ ନାହିଁ ।

୧୨. ଯଦି ପଞ୍ଜୀକରଣ କରିଥିବା ବ୍ୟକ୍ତି Lottery ରେ ଉପସ୍ଥିତ ନରହନ୍ତି ତେବେ ତାଙ୍କ ବଦଳରେ ଯଦି କେହି ଭାଗ ନିଅନ୍ତି ତେବେ ପଞ୍ଜୀକରଣ କରିଥିବା ବ୍ୟକ୍ତିଙ୍କ ଠାରୁ ଲିଖିତ ଅନୁମତି ଆଣିବେ ।

୧୩. ଯଦି କୌଣସି ବ୍ୟକ୍ତି Lottery ସ୍ଥଳରେ ବିଶୃଙ୍ଖଳା ସୃଷ୍ଟି କରନ୍ତି, ତେବେ Lottery କମିଟି ସେହି ବ୍ୟକ୍ତିଙ୍କୁ Lottery କକ୍ଷରୁ ବାହାର କରିଦେଇ ପାରିବେ ଓ ସେହି ବ୍ୟକ୍ତି Lottery ରେ ଅଂଶଗ୍ରହଣ କରିପାରିବେ ନାହିଁ ।

୧୪. Lottery ଆହ୍ୱାନ ଦିବସରେ ଯଦି କୌଣସି କାରଣ ବଶତଃ Lottery ରଦ୍ଦ କରିବାକୁ ପଡ଼େ, ତେବେ Lottery କମିଟି ନିଜ ସ୍ୱଇଚ୍ଛାରେ ଏହାକୁ ରଦ୍ଦ କରିପାରିବେ ।

ଉପରୋକ୍ତ ସର୍ତାବଳୀକୁ ଅବମାନନା କଲେ ନିମ୍ନସ୍ୱାକ୍ଷରକାରୀ ଆଇନତଃ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ ।

(Signature)
ଗୋଷ୍ଠୀ ଉନ୍ନୟନ ଅଧିକାରୀ,
ବାସୁଦେବପୁର

ଜ୍ଞାପକ ସଂଖ୍ୟା 2578 ତା 2.9.2025 ରିଖ
ଏହାର ଏକକିତା ନକଲ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ, ଭଦ୍ରକଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

(Signature)
ଗୋଷ୍ଠୀ ଉନ୍ନୟନ ଅଧିକାରୀ,
ବାସୁଦେବପୁର

ଜ୍ଞାପକ ସଂଖ୍ୟା 2579 ତା 2.9.2025 ରିଖ
ଏହାର ଏକକିତା ନକଲ ଉପନିର୍ଦ୍ଦେଶକ ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶାଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ, ଉପରୋକ୍ତ ବିଜ୍ଞାପନକୁ ଅନ୍ୟୁନ ଦୁଇଗୋଟି ଓଡ଼ିଆ ଖବର କାଗଜରେ ଛପାଇବେ ।

(Signature)
ଗୋଷ୍ଠୀ ଉନ୍ନୟନ ଅଧିକାରୀ,
ବାସୁଦେବପୁର

ଜ୍ଞାପକ ସଂଖ୍ୟା 2580 ତା 2.9.2025 ରିଖ
ଏହାର ଏକକିତା ନକଲ DeGM, ଭଦ୍ରକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇ ଏହାକୁ bhadrak.odisha.gov.in Portal ରେ upload କରିବାକୁ ଅନୁରୋଧ କରାଗଲା ।

(Signature)
ଗୋଷ୍ଠୀ ଉନ୍ନୟନ ଅଧିକାରୀ,
ବାସୁଦେବପୁର